# Akashvani, Sambalpur

# SAMBALPURI NEWS MORNING BULLETIN

## 4 June 2026 - 6.47- 6.52 am.

---

ରାଷ୍ଟ୍ରପତି-ମହାକାଶ୍ ପ୍ରୟୋଗ୍‌ଶାଳା     ଆଇ ଆଣ୍ଡ୍ ପି.ଆର୍

ଆଦିବାସୀ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ବିଜ୍ଞାନ୍ ଶିକ୍ଷାକେ ତହଁକାବାର୍ ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲାକାଏଲ୍ ସାରା ଦେଶେ  ୭୫ ଟା ଏକଲବ୍ୟ ମୋଡ୍ରେଲ୍ ଆବାସିକ ବିଦ୍ୟାଳୟ-ଇଏମ୍‌ଆର୍‌ଏସ୍ ନ ମହାକାଶ୍ ପ୍ରୟୋଗ୍‌ଶାଳା, ସ୍ପେଶ୍ ଲେବ୍‌ର ଆଭାସୀ ଜରିଏ ଉଦ୍‌ଘାଟନ୍ କରିଛନ୍ । କେନ୍ଦ୍ର ଜନଜାତି ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ଆଉ ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ଙ୍କର୍ ଉପସ୍ଥିତିଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଓଡ଼ିଶାର୍ ୧୩ ଟା ଇଏମ୍‌ଆର୍‌ଏସ ସାମିଲ୍ ଅଛେ । ଇତାର୍ ଜରିଏ ଛୁଆମାନେ ମହାକାଶ୍ ବିଜ୍ଞାନ୍, ରୋବୋଟିକ୍ସ, ସାଟେଲାଇଟ୍ ପ୍ରଯୁକ୍ତି ବିଦ୍ୟା ବାଗିର୍ ଅତ୍ୟାଧୁନିକ୍ କ୍ଷେତ୍ର ନ ବ୍ୟବହାରିକ୍ ଅଭିଜ୍ଞତା ପାଏବେ ।

ବ୍ରିକ୍ସ ସମ୍ମିଳନୀ       ଆଇ ଆଣ୍ଡ୍ ପି.ଆର୍

ବିପର୍ଯ୍ୟୟ ପରିଚାଳନା ବିପଦ୍ କମ୍ କର୍‌ବାର୍ ଲାଗି ପୁରୀ ନ ମୁଲ୍ ହେଇଥିବା ବ୍ରିକ୍ସ ରାଷ୍ଟ୍ର ସମୂହର୍ ୨ ନମ୍ବର୍ ବୈଷୟିକ୍ କାର୍ଯ୍ୟଗୋଷ୍ଠୀ ବୈଠକ୍‌କେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆନୁଷ୍ଠାନିକ୍ ଭାବେ ଉଦ୍‌ଘାଟନ୍ କର୍‌ବେ । ଇଥି ଭାରତ୍ ସହେତେ ବ୍ରାଜିଲ୍, ଋଷିଆ, ଚୀନ୍, ଦକ୍ଷିଣ୍ ଆଫ୍ରିକା, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ସାଉଦିଆରବ୍, ଇଜିପ୍ଟ ଆଉ ୟୁଏଇର ପ୍ରତିନିଧିମାନେ ଯୋଗ୍ ଦେଇଛନ୍ । ଗଲାକାଏଲ୍ ବ୍ରିକ୍ସ ରାଷ୍ଟ୍ରସମୂହର୍ ପ୍ରତିନିଧି ମାନ୍‌କର୍ ଆଗାଡ଼େ ଓଡ଼ିଶାର୍ ସୁଦୃଢ଼ ପୂର୍ବ ସତର୍କିକରଣ୍ ଆଉ ସଫଳ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର୍ ମୋଡ଼େଲ୍ ପ୍ରଦର୍ଶିତ୍ କରାଯାଇଛେ ।

ଚାନ୍ଦୁଆ ହସ୍ତଶିଳ୍ପ ହବ       ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଜିଲ୍ଲା ପିପିଲି ନ ଆଏଜ୍ ଚାନ୍ଦୁଆ ହସ୍ତଶିଳ୍ପ ହବ୍ ଲାଗି ଭିତିପ୍ରସ୍ତର୍ ଥାପ୍‌ନା କରାଯିବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍

ଚରଣ୍ ମାଝୀ ଯୋଗ୍‌ଦେବେ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ହସ୍ତତନ୍ତ, ବୟନ ଆଉ ହସ୍ତଶିଳ୍ପମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ଭିଲ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେବେ ।

ପ୍ରମାଣ୍‌ପତ୍ର ଆଇ ଆଣ୍ଡ୍ ପି.ଆର୍

ରାଏଜେ ଶିକ୍ଷାନୁଷ୍ଠାନ୍ ମାନ୍‌କେ ନାଁ ଲେଖାଲାଗି ଜରୁରୀ ବାସିନ୍ଦା ଆୟ ଆଉ ଜାତି ପ୍ରମାଣ୍‌ପତ୍ର ଦେବାର୍‌ଥି ଡେରି କଲେ ସମ୍ପୃକ୍ତ ଅଧିକାରୀଙ୍କର୍ ବିରୋଧ୍‌ଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ସବୁ ଜିଲ୍ଲାପାଲ୍‌ମାନ୍‌କୁ ଚିଠି ଲେଖିକରି ଇ ନିର୍ଦ୍ଦେଶ୍ ଦେଇଛନ୍ । ଓଡ଼ିଶା ଜନସେବା ଅଧିକାର୍ ଆଇନ୍-୨୦୧୨ ଅନ୍‌ସାରେ ଧାରିଜ୍ ସମିଆ ଭିତ୍‌ରେ ପ୍ରମାଣ୍‌ପତ୍ର ଦେବାର୍‌କେ ହେବା । ବାସିନ୍ଦା ଆଉ ଆୟ ପ୍ରମାଣ୍‌ପତ୍ର ଖାଲି ଘୋଷ୍‌ନା ପତ୍ର ଆଧାର୍‌ଥି ସାଙ୍ଗେସାଙ୍ଗ୍ ଦିଆଯିବା । ଅନ୍ୟଥା ଡେରି ହେଲେ ଅଧିକାରୀଙ୍କର୍ ବିରୋଧ୍‌ଥି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ୍

ନିଆଯିବା । ତହସିଲ୍‌ନୁ ପ୍ରମାଣ୍‌ପତ୍ର ଡେରି ଲାଗି କେନ୍‌ସି ଛାତ୍ରଛାତ୍ରୀ ନାଁଲେଖାନୁ ବଂଚିତ୍ ନାଇଁ ହୁଅନ୍ ବଲି ସ୍ୱଷ୍ଟ କରାଯାଇଛେ ।

ସ୍କୁଲ୍ ଛୁଆ- ବହି          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରାଛୁଟି ସର୍‌ବାର୍ ଆଘୋନୁ ସ୍କୁଲ୍ ଛାତ୍ରଛାତ୍ରୀମାନ୍‌କର୍ ପାଶେ ବହି ପୁହୁଁଚିବା ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଗଲାକାଏଲ୍ ଗଣମାଧ୍ୟମ୍‌ଥି ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, ୯୦ ପ୍ରତିଶତ୍ ବହି ଛପା କାମ୍ ସରିଯାଇଛେ । ଧିରେ ଧିରେ ବହି ଛୁଆକର୍ ନିକେ ପୁହୁଁଚୁଛେ । ବାକି ୧୦ ପ୍ରତିଶତ୍ ଖରାଛୁଟି ସର୍‌ବାର୍ ଆଘୋନୁ ପହଁଚିବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ଏସ୍‌ଆଇଆର       ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ଅଭିଯାନ୍‌ର ୫ ନମ୍ବର୍ ଦିନ୍ ସରିଛେ । ଗଲାକାଏଲ୍ ବେଲ୍‌ବୁଡ଼ାର୍ ୬ ବଜେତକ୍ ରାଏଜେ ୭୧ ଲାଖ୍ ୬୯ ହଜାର୍ ୫ ଶହ ୬୩ ଝନ୍ ଭୋଟର୍‌ଙ୍କୁ ପରିଗଣନା ଫର୍ମ ବଂଟାଯାଇଛେ ବଲି ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ସୂଚ୍‌ନା ମିଳିଛେ । ସାରା ରାଏଜେ ୪୫ ହଜାର୍ ୨ ଶହ ୫୫ ଝନ୍ ବିଏଲ୍‌ଓ ଆଉ ୩୩ ହଜାର୍ ୨୬ ଝନ୍ ବିଏଲ୍‌ଏ କାମ୍‌ଥି ନିୟୋଜିତ୍ ଅଛନ୍ ।

ଜିଲ୍ଲାପାଲ୍- ସମୀକ୍ଷା     ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ମୁଖ୍ୟାଲୟ ସମ୍ମିଳନୀ କକ୍ଷ ନ ଶିକ୍ଷା ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ୍ ସବୁ ବ୍ଲକ୍ ଶିକ୍ଷା ଅଧିକାରୀମାନ୍‌କୁ ବରସ୍ ଯାକ ହେବାର୍‌କେ ଥିବା ଭିନ୍ ଭିନ୍ କାମ୍ ବାବ୍‌ଦେ ବଛର୍‌କିଆ କାର୍ଯ୍ୟସୂଚୀ ତିଆର୍ କର୍‌ବାର୍‌କେ ନିର୍ଦ୍ଦେଶ୍

ଦେଇଛନ୍ । ଇ ଅବ୍ସରେ ଭିନ୍ ଭିନ୍ ପରୀକ୍ଷାଥି ଭଲ୍ ପ୍ରଦର୍ଶନ୍ କରିଥିବା ଛାତ୍ରଛାତ୍ରୀମାନ୍କୁ ଜିଲ୍ଲାପାଲ୍ ଅଭିନନ୍ଦନ୍ ଜନେଇଛନ୍ ।

ଧାନ୍ଘିନା- ବୌଦ୍ଧ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ର ମନମୁଣ୍ଡା ଆଉ ହର୍ଭଙ୍ଗା ବ୍ଲକ୍ର ବୀର ନରସିଂହପୁର୍ ନ ଡାଲୁଆ ଧାନ୍ଘିନା ମୁଲ୍ ହେଇଛେ । ଇଥିର୍ଲାଗି ୧ ଲାଖ୍ ୮୫ ହଜାର୍ ୫ ଶହ କ୍ୱିଂଟାଲ୍ ଧାନ୍ ଘିନ୍ବାର୍ ଲକ୍ଷ୍ୟ ଧାରିଜ୍ କରାଯାଇଥିବାର୍ ବେଲେ ୨୪ ଟା ପେକ୍ସ ଜରିଏ ଧାନ୍ ଘିନାଯିବା ବଲି ଜନାପଡ଼ିଛେ । ବୀର ନରସିଂହପୁର୍ର ବିପଣନ୍ କେନ୍ଦ୍ର ନ ସାମ୍ପୋଚ୍ ଆଉ ମଥୁରା ପେକ୍ସ ତର୍ଫୁ ୬ ଶହ ୬୨ ଝନ୍ ଚାଷୀ ଧାନ୍ ବିକ୍ବାର୍ ଲାଗି ପଞ୍ଜିକରଣ୍ କରିଛନ୍ ।

ମଠ        ଆଇ ଆଣ୍ଡ୍ ପି.ଆର୍

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ନାଁଥି ଥିବା ଜମିଥି ବରସ୍ ବରସ୍ ଧରିକରି ରହିଆସୁଥିବା ସେବକ୍, ନିଯୋଗ୍ ଆଉ ମଠମାନ୍କୁ ଭୂ-

ସମ୍ପତିଗତ ଅଧିକାର୍ ଦେବାର୍ ଲାଗି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ବୈଠକ୍‌ଥି ଆଇନ୍, ପୂର୍ତ୍ତ ଆଉ ଅବକାରୀମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଲମ୍ବା ସମିଆ ଧରିକରି ଶ୍ରୀ ଜଗନ୍ନାଥଙ୍କର୍ ନାଁ ଥିବା ଜମି ନ ରହୁଥିବା ସେବକ୍, ନିଯୋଗ୍ ଆଉ ମଠମାନ୍‌କୁ ଠିକ୍ ହିସାବେ ବନ୍ଦୋବସ୍ତ କରାଯିବାର୍ ଉପ୍‌ରେ ଜୋର୍ ଦେଇଥିଲେ ।

କବାଡ଼ି କପ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ଖେଲ୍‌ର୍ ବିକାଶ୍ ଆଉ କବାଡ଼ି ଖେଲ୍‌କେ ଲୋକପ୍ରିୟ କର୍‌ବାର୍ ଲାଗି ଆଏଜ୍‌ଠାନୁ ସମ୍ବଲ୍‌ପୁର୍ କବାଡ଼ି କପ୍ ମୁଲ୍ ହେବା । ସମ୍ବଲ୍‌ପୁର୍ ନ ହେବାର୍‌କେ ଥିବା ସର୍ବଭାରତୀୟ ପ୍ରତିଯୋଗିତାଥି ଦେଶର୍ ବଛାବଛା ୧୦ ଟା ଦଲ୍ ଭାଗ୍ ନେଇଛନ୍ । ଫିଁ’ ଦିନ ଉପର୍‌ବେଲା ୫ ବଜେନୁ ଡେରିରାତିତକ୍ ମେଚ୍ ଚାଲ୍‌ବା । ସ୍ଥାନୀୟ ଖେଳାଳିମାନେ ଜାତୀୟ ଦଲ୍ ଆଉ ପ୍ରୋକବାଡ଼ିଥି ଠାନ୍ ପାଏବାର୍ ଲାଗି ଇଟା ଗୁଟେ ଭଲ୍ ସୁଯୋଗ୍ ଆଏ ବଲି ଆୟୋଜକଙ୍କର୍ ତର୍‌ଫୁ କୁହାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏଜ୍ କେରଳମ୍ ପୁହୁଁଚିବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ଆକଲନ୍ କରିଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଏଲ୍‌ନିନୋ ପ୍ରଭାବ୍‌ନୁ ମୌସୁମୀ ବାୟୁର୍ ଅଗ୍ରଗତି କମିଯାଇଛେ । ପାଣିପାଗ୍ ବିଭାଗ୍‌ର ମହାନିର୍ଦ୍ଦେଶକ୍ ଡକ୍ଟର୍ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍, ଏଲ୍‌ନିନୋର ପ୍ରଭାବ୍‌ଥି ମୌସୁମୀ ବର୍ଷା କମ୍ ହେଇପାରେ । ଜୁନ୍ ନୁ ସେପ୍ଟେମ୍ବର୍ ମାସ୍ ଭିତ୍‌ରେ କମ୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।

ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଆର୍ ଘଡ୍‌ଘଡ଼ି ସହେତେ ବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ଗଲାକାଏଲ୍ ଟିଟିଲାଗଡ୍ ନ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା ।